ଶେୟାରବଜାର

ସେନସେକ୍ସ
୩୬,୨୬୫.୯୩
(+ ୨୬.୩୧)

ନିଫ୍ଟି
୧୦୯୪୮.୩୦
(+ ୧.୦୫)

କ୍ରୁଡ୍ ଅଏଲ୍	: ୫୦୬୨
ଡଲାର	: ୬୯.୪୫
ୟୁରୋ	: ୮୦.୮୪
ପାଉଣ୍ଡ୍	: ୯୧.୪୦
ୟେନ୍	: ୦.୬୨

ଟପ୍ ଗେନର୍ସ ଆଣ୍ଡ ଲୁଜର୍ସ

ଟିସିଏସ୍
୧୯୭୯.୬୦ (+୫.୭୪%)

କୋଲ୍ ଇଣ୍ଡିଆ
୨୬୫.୨୫.୦୦ (-୪.୫୯%)

ମିଡ୍‌କ୍ୟାପ୍
୧୫,୬୩୨.୫୫
(-୧୦୫.୨୨)

ସ୍ମଲ୍‌କ୍ୟାପ୍
୧୬୪୨୯.୩୭
(-୫୪.୨୧)

ଜୁଲାଇ ୧୪ରେ ସେଣ୍ଟ୍ରାଲ୍ ରେଡ୍‌ହଟ୍ ଶନିବାର

ଭୁବନେଶ୍ୱର, ୧୧।୭/ଏନ୍ଏନ୍ଏସ୍: ସେଣ୍ଟ୍ରାଲ୍ ପକ୍ଷରୁ ଆସନ୍ତା ୪ ତାରିଖରେ ରେଡ୍ ହଟ୍ ଶନିବାର ପାଳିତ ହେବାକୁ ଯାଉଛି । ଏହି ଅବସରରେ ଗ୍ରାହକମାନେ ସେଣ୍ଟ୍ରାଲ ଶୋ'ରୁମ୍ ଆସି 'ୟୁଶପ୍ ଉଇ ପେ' ଅଫରର ମଜା ନେଇପାରିବେ। ଆସନ୍ତା ଶନିବାରରେ ଗ୍ରାହକମାନଙ୍କ ପାଇଁ ୫୦% ରିହାତି ଏବଂ ୩୦୦୦ ଟଙ୍କାର କିଣାକିଣିରେ ୫୦% ଟଙ୍କା ମଧ ଫେରସ୍ତ ମିଳିବାର ସୁବିଧା ରହିଛି। ଏହି ୫୦ % ଟଙ୍କାକୁ ଗ୍ରାହକମାନେ ସେମାନଙ୍କ ଫ୍ୟୁଚର୍ ପେ'ର ସେଣ୍ଟ୍ରଲ ୱାଲେଟ୍‌ରେ ପାଇପାରିବେ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଗ୍ରାହକମାନେ ଅନ୍‌ଲାଇନ୍‌ରେ ମାତ୍ର ୩୦୦ ଟଙ୍କା ଦେଇ ଏଣ୍ଟ୍ରି କାର୍ଡ ପାସ୍ କିଣିପାରିବେ। ଏହି ୩୦୦ ଟଙ୍କା ଶୋ'ରୁମ୍‌ରେ ଫେରସ୍ତ ଦିଆଯିବା ସହିତ ପ୍ରବେଶ ଏବଂ ବିଲିଂ ସମୟରେ ସେମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ଫ୍ୟାସନ୍ ପ୍ରେମୀମାନେ ଓଲା ମାଧ୍ୟମରେ ସେଣ୍ଟ୍ରାଲକୁ ଯାତ୍ରା କଲେ ୩୦୦୦ ଟଙ୍କାର କିଣାକିଣିରେ ୨୦୦ ଟଙ୍କା ଛାଡ଼ ପାଇପାରିବେ। ୧୯,୯୯୯ ଟଙ୍କାର କିଣାକିଣିରେ ସେମାନେ ୪୯୯ ଟଙ୍କା ମୂଲ୍ୟର ଗୁଗୁଲ୍ ହୋମ୍ ମିନି ପାଇପାରିବେ। ଗ୍ରାହକମାନେ ଅନ୍‌ଲାଇନରେ ମାତ୍ର ୩୦୦ ଟଙ୍କାରେ ସେମାନଙ୍କ ପଞ୍ଜିରଣ କରିପାରିବେ ଏବଂ ଏହାଫଳରେ ସେମାନଙ୍କୁ ଆଉ ଧାଡ଼ିରେ ଠିଆ ହେବାକୁ ପଡ଼ିବ ନାହିଁ ବୋଲି ସେଣ୍ଟ୍ରାଲ ପକ୍ଷରୁ କୁହାଯାଇଛି। ସେଣ୍ଟ୍ରାଲରେ ଗ୍ରାହକମାନେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ପୋଷାକ ଯେପରିକି ଫର୍ମାଲ ଓ୍ୟାର, କାଜୁଆଲ ଓ୍ୟାର, ଏଥିନିକ୍ ଓ୍ୟାର, ହ୍ୟାଣ୍ଡବ୍ୟାଗସ୍, ପୁରୁଷ ତଥା ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଚପଲ, ପିଲା ମାନଙ୍କ ପୋଷାକ ଏବଂ ଅନ୍ୟ କିଛି ଉତ୍ପାଦ ସୁଲଭ ମୂଲ୍ୟରେ କିଣିପାରିବେ।

ଫ୍ରାନ୍ସକୁ ପଛକୁ ଠେଲି ଭାରତ ଷଷ୍ଠ ବୃହତ ଅର୍ଥନୀତିକ ରାଷ୍ଟ୍ର

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି: ବିଶ୍ୱବ୍ୟାଙ୍କ୍ ଦ୍ୱାରା ସଦ୍ୟ ପ୍ରକାଶିତ ତାଲିକାରେ ଭାରତ ଫ୍ରାନ୍ସକୁ ପଛରେ ପକାଇ ଷଷ୍ଠ ଅର୍ଥନୀତିକ ରାଷ୍ଟ୍ରର ମାନ୍ୟତା ପାଇଛି। ୨୦୧୭ ମସିହା ଶେଷ ବେଳକୁ ଭାରତର ଜିଡିପି ଅଭିବୃଦ୍ଧି ୨,୫୯,୭୦୦ କୋଟି ଡଲାର ଥିଲା, କିନ୍ତୁ ଫ୍ରାନ୍ସର ୨,୫୮,୨୦୦ କୋଟି ଡଲାର ଥିଲା। ଏହି ତାଲିକାରେ ଆମେରିକା ପୂର୍ବବତ୍ ପ୍ରଥମ ସ୍ଥାନରେ ଥିବାବେଳେ ଏହା ପଛକୁ ଚୀନ୍, ଜାପାନ ଏବଂ ଜର୍ମାନୀ ଆଦି ରାଷ୍ଟ୍ର ଅଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ୍ ୨,୬୨,୨୦୦ ଡଲାର ସହିତ ପଞ୍ଚମ ସ୍ଥାନରେ ଥିଲା। ବିଶ୍ୱବ୍ୟାଙ୍କ୍ ତରଫରୁ ଆହୁରି ମଧ୍ୟ କୁହାଯାଇଛି ଯେ, କିଛି କ୍ୱାର୍ଟରରେ ଏହି ଅଭିବୃଦ୍ଧି ବହୁତ ଦିନ ଧରି ଧିମା ଚାଲିଥିଲା ଯେଉଁଥିରେ ମୋଦି ସରକାରଙ୍କ ଅର୍ଥନୀତିକ ସଂସ୍କାର ପଦକ୍ଷେପ ପରେ ସୁଧାର ଆସିପାରିଛି । ଅନ୍ୟପକ୍ଷରେ ମୁଣ୍ଡପିଛା ଆୟରେ ଭାରତ ତୁଳନାରେ ଫ୍ରାନ୍ସ ଅଧିକ ସଫଳ। ଏହି ପରିମାଣର ତଫାତ ପ୍ରାୟ ୨୦ ଗୁଣା ହେବ ବୋଲି ଅନୁମେୟ। ଏହା ପଛର କାରଣ ହେଉଛି ଭାରତର ଜନସଂଖ୍ୟା ଏବଂ ଫ୍ରାନ୍ସର ଜନସଂଖ୍ୟା ମଧ୍ୟରେ ଆକାଶ ପାତାଳ ଫରକ। ଭାରତର ଜନସଂଖ୍ୟା ମୋଟ ୧୩୪ କୋଟିରେ ପହଞ୍ଚି ସାରିଥିବାବେଳେ ଫ୍ରାନ୍ସର ଜନସଂଖ୍ୟା ମାତ୍ର ୬.୭ କୋଟି ଯାହାକି ଗୁଜରାଟର ଜନସଂଖ୍ୟା ସହିତ ପ୍ରାୟ ସମାନ ଏବଂ ଉତ୍ତର ପ୍ରଦେଶର ଜନସଂଖ୍ୟାର ତିନିଭାଗରୁ ଭାଗେ। ଭାରତୀୟ ଉପଭୋକ୍ତାଙ୍କ ଜୀବନଶୈଳୀ ବଦଳିବା ସଙ୍ଗେ ସଙ୍ଗେ ସେମାନେ ବିଭିନ୍ନ ଉତ୍ପାଦ ବ୍ୟବହାର କରିବା ମାନ୍ୟୁଫାକ୍‌ଚରିଂ ବା ଉତ୍ପାଦନ କ୍ଷେତ୍ରକୁ ସମୃଦ୍ଧ କରିଛି। ବିଶ୍ୱବ୍ୟାଙ୍କ୍‌ର ଏହି ରିପୋର୍ଟରେ ଆହୁରି ମଧ ଦର୍ଶାଯାଇଛି, ୨୦୧୬ ମସିହା ନଭେମ୍ବରରେ ନୋଟ୍‌ବନ୍ଦୀ ଏବଂ ଗତବର୍ଷ ଜୁଲାଇରୁ ଜିଏସ୍‌ଟି ଲାଗୁ କରାଯିବା ପରେ ହିଁ ଭାରତର ଅର୍ଥନୀତି ଧିମା ହେବା ଆରମ୍ଭ କରିଥିଲା। ମୋଟ ଉପରେ କହିବାକୁ ଗଲେ ୧୦ ବର୍ଷରୁ କମ୍ ସମୟରେ ଜିଡିପି ଦୁଇଗୁଣ ହୋଇଛି ଏବଂ ଏପରି ଅଭିବୃଦ୍ଧି ଘଟିବା ସମୟରେ ଭାରତ ସମଗ୍ର ଏସିଆ ମହାଦେଶର ଅର୍ଥନୀତିକ ଅଭିବୃଦ୍ଧିର ଇଞ୍ଜିନ୍ ସ୍ୱରୂପ ଥିଲା ଏବଂ ଚୀନ୍‌ର ଅର୍ଥନୀତି ସେତେବେଳକୁ ମାନ୍ଦା ହୋଇପଡ଼ିଥିଲା। ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡ୍ (ଆଇଏମ୍ଏଫ୍)ର ଆକଳନ ଅନୁଯାୟୀ ଭାରତର ଅର୍ଥନୀତି ୨୦୧୮ ମସିହାରେ ୭.୪ ପ୍ରତିଶତ ହାରରେ ବଢ଼ିବ ଏବଂ ୨୦୧୯ରେ ୭.୮ ପ୍ରତିଶତ ହାରରେ ବଢ଼ିବ। ଏହା ବ୍ୟତୀତ ଏହି ସମୟରେ ବିଶ୍ୱର ଅର୍ଥନୀତି ୩.୯ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଏଥିରେ କୁହାଯାଇଛି। ଅନ୍ୟପକ୍ଷରେ ଗତ ବର୍ଷ ଡିସେମ୍ବରରେ ୱାର୍ଲ୍ଡ ଇକୋନୋମିକ୍ ଲିଗ୍ ଟେବଲ୍ ୨୦୧୮ରେ ପ୍ରକାଶ କରାଯାଇଥିବା ଏକ ଆକଳନ ରିପୋର୍ଟ ଦର୍ଶାଇଥିଲା ଭାରତ ବ୍ରିଟେନ୍ ଏବଂ ଫ୍ରାନ୍ସକୁ ପଛରେ ପକାଇ ପଞ୍ଚମ ଅର୍ଥନୀତିକ ରାଷ୍ଟ୍ରର ମାନ୍ୟତା ପାଇବ।

ନୂତନ ମୋଟୋ ଇ୫ ଏବଂ ଇ୫ ପ୍ଲସ୍

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି:
ଅଗ୍ରଣୀ ମୋବାଇଲ ନିର୍ମାତା ମୋଟୋରୋଲା ପକ୍ଷରୁ ନୂତନ ମୋଟୋ ଇ୫ ଏବଂ ଇ୫ ପ୍ଲସର ଶୁଭାରମ୍ଭ କରାଯାଇଛି। ଏହା ଗ୍ରାହକଙ୍କ ମନୋରଞ୍ଜନ ଆବଶ୍ୟକତାକୁ ପୂରଣ କରିବା ସହିତ ଗ୍ରାହକଙ୍କୁ ବୃହତ ବ୍ୟାଟେରୀ ଏବଂ ବୃହତ ସ୍କ୍ରିନ୍ ପ୍ରଦାନ କରିବ। ଏହି ଯାନ୍ତ୍ରିକ ଉପକରଣ ବୃହତ ତଥା ଉଜ୍ଜ୍ୱଳତମ ଡିସ୍‌ପ୍ଲେ ସହିତ ପ୍ରସ୍ତୁତ, ଯାହା ଇ-ସିରିଜରେ ସବୁଠାରୁ ଶ୍ରେଷ୍ଠ। ଏହା ମେମୋରୀକୁ ମନେପକାଇବାଠାରୁ ଆରମ୍ଭ କରି ଆପଣଙ୍କ ପ୍ରିୟ ମିଡିଆ ବିଷୟବସ୍ତୁକୁ ଦେଖିବା ପର୍ଯ୍ୟନ୍ତ ସବୁକିଛି ଏହି ସ୍ମାର୍ଟଫୋନର ଉନ୍ନତ ଭିଜନ୍ ଡିସପ୍ଲେରେ ଭଲ ଭାବରେ ଦେଖାଇଥାଏ। ଆହୁରି ମଧ, ୫୦୦୦ ଏମଏଏଚର ବୃହତ ବ୍ୟାଟେରୀ ସହିତ ଘଣ୍ଟାଘଣ୍ଟା ଧରି ଅବାଧରେ ମୋବାଇଲ୍ ବ୍ୟବହାର କରିପାରିବେ। ପ୍ରତିଫଳିତ ୱେଭ୍ ଢାଞ୍ଚା ଏବଂ କର୍ଭଡ୍ ବ୍ୟାକ୍ ଡିଜାଇନ ସହିତ ନୂତନ ମୋଟୋ ଇ୫ ପ୍ଲସ ୬ ଇଞ୍ଚର ମାକ୍ସ ଭିଜନ ସ୍କ୍ରିନ୍ ଏବଂ ୫୦୦୦ ଏମଏଏଚ୍ ବ୍ୟାଟେରୀ ସହିତ ପ୍ରସ୍ତୁତ। ଏହା ୧୮ ଘଣ୍ଟାର ଭିଡିଓ ପ୍ଲେ ବ୍ୟାକ୍, ୨୦୦ ଘଣ୍ଟାରୁ ଅଧିକ ମ୍ୟୁଜିକ ପ୍ଲେ କିମ୍ବା ୨୦ ଘଣ୍ଟାରୁ ଅଧିକ ନନ୍-ଷ୍ଟପ୍ ୱେବ୍ ସର୍ଫିଙ୍ଗ ଏବଂ ବ୍ୟାଟେରୀ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଶକ୍ତି ପ୍ରଦାନ କରିଥାଏ। ବୃହତ ୧୨ ଏମ୍‌ପି କ୍ୟାମେରା ସହିତ ଏଥିରେ ୧.୨୫ ୟୁଏମ୍ ପିକ୍ସେଲ୍ ଏବଂ ଲେଜର ଅଟୋଫୋକସ୍ ରହିଛି, ଯାହାକି ଆକର୍ଷଣୀୟ ଫଟୋର ସୁଯୋଗ ପ୍ରଦାନ କରିଥାଏ। ଏଥିରେ ଥିବା ମାଇକ୍ରୋ ଏସ୍‌ଡି କାର୍ଡ ସ୍ଲଟ ୨ ସହିତ ଅଧିକ ଫଟୋ, ସଂଗୀତ ଏବଂ ମୁଭିଜ୍ ଷ୍ଟୋର କରିପାରିବା ଭଳି ସୁବିଧା ରହିଛି। ମୋଟୋ ଇ୫ ପ୍ଲସର ଆନ୍ତଃସ୍ତରୀୟ ମୋଟୋ ଏକ୍ସପିରିଏନ୍ସ ଫୋନକୁ ବ୍ୟବହାର କରିବା ପାଇଁ ଶ୍ରେଷ୍ଠ କରିଥାଏ। ମୋଟୋ ଆକ୍ସନ୍ ଦ୍ୱାରା ଆପଣଙ୍କ ପ୍ରତିଦିନର ବାର୍ତ୍ତାଳପକୁ ଅଧିକ ସୁଗମ କରିଥାଏ। ଫୋନ୍‌କୁ କେବଳ ଗୋଟିଏ ଥର ସ୍ପର୍ଶ କରି କ'ଣ ନୂତନ ଅଛି ଦେଖିପାରିବେ। ଏହା ବ୍ୟତୀତ ଫୋନକୁ ଅନଲକ ନକରି ଇ-ମେଲ୍ ଏବଂ ଟେକ୍ସଟ ପଠାଇହେବ ଏବଂ ଆବଶ୍ୟକସ୍ଥଳେ, ଫୋନର ପଛ ପାଖରେ ଥିବା ମୋଟୋ ବାଟଓ୍ୱିଙ୍ଗ୍ ଲୋଗୋ ମାର୍କ୍‌କୁ କେବଳ ଗୋଟିଏ ସ୍ପର୍ଶରେ ଫିଙ୍ଗର୍ ରିଡର୍ ମାଧମରେ ଫୋନ୍‌କୁ ତୁରନ୍ତ ଅନଲକ୍ କରିହେବ। ମୋଟୋ ଇ୫ ପ୍ଲସ ସ୍ୱତନ୍ତ୍ରଭାବେ ଆମାଜନ.ଇନ ଏବଂ ଭାରତର ବିଭିନ୍ନ ରାଜ୍ୟରେ ୬୦୦ରୁ ଅଧିକ ମୋଟୋ ହବ୍ ଷ୍ଟୋରରେ ଉପଲବ୍ଧ ହେଉଛି। ଏହା ଦୁଇଟି ରଙ୍ଗ ଯେପରିକି ଫାଇନ ଗୋଲ୍ଡ ଏବଂ କଳା ରଙ୍ଗରେ ଉପଲବ୍ଧ ହେବା ସହ ଆକର୍ଷଣୀୟ ଅଫରରେ ଏହାର ମୂଲ୍ୟ ୧୧,୯୯୯ ଟଙ୍କା ରଖାଯାଇଛି । ଆମାଜନ.ଇନରେ ୧୨ଜୁଲାଇ ପର୍ଯ୍ୟନ୍ତ ମୋଟୋ ଇ୫ ପ୍ଲସ ପାଇଁ ପ୍ରାରମ୍ଭିକ ଅଫର ମଧ୍ୟରେ ରହିଛି, କେବଳ ଆମାଜନ.ଇନରେ ଏସବିଆଇ କ୍ରେଡିଟ କାର୍ଡରେ ଫ୍ଲାଟ ୮୦୦ ଟଙ୍କାର ରିହାତି, ଏକ୍ସଚେଞ୍ଜ ଅଫରରେ ଗ୍ରାହକମାନେ ସେମାନଙ୍କ ପୁରାତନ ଫୋନ୍‌ର ବଦଳ ଉପରେ ଅତିରିକ୍ତ ୧୦୦୦ ଟଙ୍କାର ରିହାତି, ସହଜ ଇଏମଆଇ, ଜିଓର ୧୯୮ ଟଙ୍କା ଏବଂ ୨୯୯ ଟଙ୍କାର ପ୍ଲାନରେ ଅତିରିକ୍ତ ୧୩୦ଜିବି ଡାଟା ପାଇପାରିବେ। ମୋଟୋ ହବ୍‌ସରେ ମୋଟୋ ଇ୫ ପ୍ଲସ ଏବଂ ମୋଟୋ ଇ୫ ପାଇଁ ପ୍ରାରମ୍ଭିକ ଅଫରରେ ପେଟିଏମ୍ ମୋବାଇଲ ରିଚାର୍ଜରେ ଟ. ୧୨୦୦ର କ୍ୟାସବ୍ୟାକ୍ ପାଇବା ସହିତ ଜିଓରେ ଟ.୧୯୮ ଏବଂ ଟ.୨୯୯ ପ୍ଲାନର ୧୩୦ଜିବିର ଅତିରିକ୍ତ ଡାଟାର ଅଫର ରହିଛି।

ମାଲ୍ୟା ତାଙ୍କ ଲଣ୍ଡନ୍ ଘରର ମାଲିକ ନୁହନ୍ତି

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି: ମଦ ସମ୍ରାଟ୍ ତଥା ବ୍ୟାଙ୍କ୍ ଠକେଇ କରି ବିଦେଶରେ ଲୁଚିଥିବା ବିଜୟ ମାଲ୍ୟାଙ୍କ ଲଣ୍ଡନ୍ ସ୍ଥିତ ଘରକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନି। ବ୍ରିଟେନ୍‌ରେ ଥିବା ମାଲ୍ୟାଙ୍କର ୧୦,୪୯୯ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରାଯିବା ପାଇଁ ଅନୁମତି ମିଳିବା ପରେ ମଧ ସବୁ କିଛି ସ୍ପଷ୍ଟ ହୋଇଯାଇନାହିଁ। ପ୍ରଶ୍ନ ଉଠିଛି ଏସବୁ ସମ୍ପତ୍ତିର ମାଲିକ କ'ଣ ସତରେ ମାଲ୍ୟା। ଗତ ମେ ୮ ତାରିଖରେ ବେଙ୍ଗାଲୁରୁ ଡେବ୍‌ଟ ରିକଭରୀ ଟ୍ରିବ୍ୟୁନାଲ୍ ଦେଇଥିବା ଅନୁମତି ଅନୁଯାୟୀ ବ୍ରିଟେନ୍‌ର କୋର୍ଟଗୁଡ଼ିକରେ ଆବେଦନ କରାଯାଇଥିଲା। ଯାହାଦ୍ୱାରା ମାଲ୍ୟାଙ୍କର ଲଣ୍ଡନ୍ ସ୍ଥିତ ସମ୍ପତ୍ତି ବାଜ୍ୟାପ୍ତି କରାଯାଇ ନିଲାମ କରାଯିବ ଏବଂ ସେଥିରୁ ୧୩ଟି ଭାରତୀୟ ବ୍ୟାଙ୍କ୍‌ଙ୍କ ଋଣ ଶୁଝାଯାଇପାରିବ। କିନ୍ତୁ ମାଲ୍ୟାଙ୍କ କହିବା ଅନୁଯାୟୀ ବ୍ରିଟେନ୍‌ରେ ଯେଉଁସବୁ ସମ୍ପତ୍ତି କଥା କୁହାଯାଉଛି ସେମଧ୍ୟରୁ କିଛି ଦାମୀ କାର୍ ଏବଂ ଗହଣା କେବଳ ତାଙ୍କ ନାମରେ ରହିଛି। ଟେଓ୍ୱିନ୍ ଇଷ୍ଟେଟ୍ ସ୍ଥିତ ଘରଟି ତାଙ୍କ ପିଲାମାନଙ୍କ ନାମରେ ଥିବାବେଳେ ଲଣ୍ଡନ୍ ଟାଉନ୍ ହାଉସ୍ ସ୍ଥିତ ଘରଟି ତାଙ୍କ ମା'ଙ୍କ ନାମରେ ରହିଛି। ୨୦୧୬ ମସିହା ଏପ୍ରିଲ ୨୧ ତାରିଖରେ ସେ ସୁପ୍ରିମ୍‌କୋର୍ଟ ନିକଟରେ କରିଥିବା ଘୋଷଣା ଅନୁଯାୟୀ, ତାଙ୍କ ସମ୍ପତ୍ତିର ପରିମାଣ ୭୮୨ କୋଟି ଟଙ୍କା ଯେଉଁଥିରେ କିଛି ମଧ ନଗଦ ଟଙ୍କା ନଥିଲା କିନ୍ତୁ ୩୬ କୋଟି ଟଙ୍କାର ନିବେଶ ଥିଲା। ୨୦୧୭ ମସିହାରେ ସେ ଏକ ସତ୍ୟପାଠରେ ଦର୍ଶାଇଥିଲେ ଯେ ଲଣ୍ଡନ୍‌ରେ ଥିବା କୌଣସିଟି ଘର ତାଙ୍କର ନୁହେଁ। ତାଙ୍କର କର୍ଣ୍ଣୱାଲ୍ ଟେରାସ୍ ବାସଭବନଟି ରୋଜ୍ କ୍ୟାପିଟାଲ ଭେଞ୍ଚରର୍ସ ମାଲିକାନାରେ ରହିଛି, ଯାହାକି କଣ୍ଟିନେଣ୍ଟାଲ୍ ଆଡମିନ୍‌ଷ୍ଟ୍ରେଟିଭ୍ ସର୍ଭିସେସ୍ ଲିମିଟେଡ୍ ମାଲିକାନାରେ ଥିବା ଗ୍ଲାଡ୍‌କୋ ପ୍ରପର୍ଟିଜ୍ ସହିତ ଜଡ଼ିତ। କଣ୍ଟିନେଣ୍ଟାଲ୍ ଆଡମିନ୍‌ଷ୍ଟ୍ରେଟିଭ୍ ସର୍ଭିସେସ୍ ଲିମଟେଡ୍ ମାଲ୍ୟା ଫ୍ୟାମିଲି ଟ୍ରଷ୍ଟ ସିଲେଟା ଟ୍ରଷ୍ଟର ଟ୍ରଷ୍ଟି ସେଣ୍ଟ କିଟ୍ସ୍ ଓ ନେଭିସ୍‌ଙ୍କ ଦ୍ୱାରା ପରିଚାଳିତ। ଅନ୍ୟପକ୍ଷରେ ହର୍ଟଫୋର୍ଡଶାୟାର୍ ଇଷ୍ଟେଟ୍ ମଧ ତାଙ୍କ ପରିବାର ପରିଚାଳନାରେ ଥିବା ଟ୍ରଷ୍ଟ ସହିତ ଜଡ଼ିତ। ଏସବୁ ପ୍ରମାଣ କରିବା ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଆଗାମୀ ପଦକ୍ଷେପ ହେବ।

Vijay Mallya's Assets

ଟୟୋଟାର 'ଡ୍ରାଇଭ୍ ଦି ନେସନ୍' ଅଭିଯାନ

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି: ବିପୁଳ ଗ୍ରାହକ ଚାହିଦାକୁ ଦୃଷ୍ଟିରେ ରଖି ଟୟୋଟା କିର୍ଲୋସ୍କର ମୋଟର୍ସ ପକ୍ଷରୁ ଟୟୋଟା ୟାରିସ୍‌ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଆରମ୍ଭ କରାଯାଇଥିବା ଟୟୋଟା ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ଅଭିଯାନରେ ଇଟିଅସ୍, କ୍ରାଏଷ୍ଟା ଏବଂ କୋରୋଲା ପ୍ରଭୃତିକୁ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ସମ୍ପ୍ରତି ଚଳିତ ବର୍ଷର ଏହି ଅଭିଯାନ ଦ୍ୱାରା ୟାରିସ୍ ସିରିଜ୍‌ର ବିକ୍ରିରେ ୧୩ ପ୍ରତିଶତ ବୃଦ୍ଧି ହୋଇପାରିଛି। ଏଥିରେ ସେଦାନ୍-ୟାରିସ୍ ପକ୍ଷରୁ ୧୧ ଫାଷ୍ଟ-ଇନ୍-ସେଗମେଣ୍ଟ୍ ଫିଚର ଉପଲବ୍ଧ କରାଯାଇଥିଲା। ଏହି ଷ୍ଟାଇଲିଶ୍ ଯାନରେ ପାଓ୍ୱାର ଡ୍ରାଇଭ୍ ସିଟ୍, ୭ ଏସ୍‌ଆରଏସ୍ ଏୟାର ବ୍ୟାଗ, ରୁଫ୍ ମାଉଣ୍ଟେଡ୍ ଏୟାର ଭେଣ୍ଟ, ଟାୟାର ପ୍ରେସର ମନିଟରିଂ ସିଷ୍ଟମ୍, ଫ୍ରଣ୍ଟ ପାର୍କିଂ ସେନସର୍, ସିଭିଟି ଆଦି ବୈଶିଷ୍ଟ୍ୟ ରହିଛି। ଏହି ଯୋଜନା ଅନ୍ତର୍ଗତ ଗ୍ରାହକଙ୍କୁ ଆସେସୋରିଜ୍, ରକ୍ଷଣାବେକ୍ଷଣ ସୁବିଧା ପ୍ୟାକେଜ୍, ବର୍ଦ୍ଧିତ ୱାରେଣ୍ଟି ପ୍ରଭୃତି ଯୋଗାଇ ଦିଆଯାଉଛି। ୨୦୧୬ ମସିହା ପରଠାରୁ ଟୟୋଟା ଗ୍ରାହକଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି। ଏହି ଅଭିଯାନ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟର୍ସର ସହକାରୀ ପରିଚାଳନା ନିର୍ଦ୍ଦେଶକ ଏନ୍.ରାଜା କହିଲେ, "ଏପରି ଏକ ଅନନ୍ୟ ଅଭିଯାନର ଶୁଭାରମ୍ଭ କରିଥିବାରୁ ବେଶ୍ ଆନନ୍ଦିତ। ଏହାଦ୍ୱାରା ଆମର ରାଜସ୍ୱ ସଂଗ୍ରହ ହାରରେ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। କମ୍ପାନୀ ଦ୍ୱାରା ବଜାର ପ୍ରବେଶ ହୋଇଥିବା ୟାରିସ୍ ଦ୍ୱାରା କମ୍ପାନୀ ବିଶେଷ ସଫଳତା ହାସଲ କରିପାରିଛି। ଡ୍ରାଇଭ୍ ଦି ନେସନ୍ ଅଭିଯାନରେ ଆମ୍ଭେ ୟାରିସ୍ ବିକ୍ରି ଉପରେ ଗୁରୁତ୍ୱାରୋପ କରିଛୁ।"

TOYOTA
The DRIVE NATION
FOR THOSE WHO DRIVE THE COUNTRY

ନେଟ୍ ନ୍ୟୁଟ୍ରାଲିଟିକୁ ସରକାରୀ ମଞ୍ଜୁରୀ

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି:
ଫେସବୁକ୍ ଏବଂ ରିଲାଏନ୍ସର ମିଳିତ ଉଦ୍ୟମ ଇଣ୍ଟରନେଟ୍ ବେସିକ୍ସର ବିଫଳତା ପରେ ଶେଷରେ ଇଣ୍ଟରନେଟ୍‌କୁ ଅବାଧ ଏବଂ ନିରପେକ୍ଷ କରିବାପାଇଁ ଆରମ୍ଭ ହୋଇଥିବା ପ୍ରୟାସ ନେଟ୍ ନ୍ୟୁଟ୍ରାଲିଟିକୁ ସରକାରୀ ଅନୁମତି ମିଳିଛି। ଏହା ପରେ 'ଇଣ୍ଟରନେଟ୍ ଫର୍ ଅଲ' ବା ମୁକ୍ତ ଇଣ୍ଟରନେଟ୍ ପାଇଁ ବାଟ ଖୋଲିଯିବ। ଏହି ନୀତି ଅନୁଯାୟୀ ଦେଶରେ ନେଟ୍ ନ୍ୟୁଟ୍ରାଲିଟିକୁ ବିରୁଦ୍ଧାଚରଣ କରୁଥିବା ସଂସ୍ଥା ବା କମ୍ପାନୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ। ଏହି ନୀତି କଡ଼ାକଡ଼ିଭାବେ ଲାଗୁ ହୋଇପାରିଲେ କମ୍ପାନୀଗୁଡ଼ିକର ମନୋମୁଖି କାର୍ଯ୍ୟ ବନ୍ଦ ହୋଇପାରିବ। ଇଣ୍ଟରନେଟ୍ ସେବା, ମୋବାଇଲ ଅପରେଟର ଏବଂ ସୋଶିଆଲ ମିଡିଆ କମ୍ପାନୀଗୁଡ଼ିକ ଇଣ୍ଟରନେଟ୍‌ର କଣ୍ଟରୋଧ ନକରି ନିରପେକ୍ଷତା ଅବଲମ୍ବନ କରିବାକୁ ହେବ। ନେଟ୍ ନ୍ୟୁଟ୍ରାଲିଟି ବାବଦରେ ନିଷ୍ପତ୍ତି ନେବାପାଇଁ ଗଠିତ ଅନ୍ତଃମନ୍ତ୍ରଣାଳୟ କମିଟି ଏହି ବାବଦରେ ନିଷ୍ପତ୍ତି ନେଇଛନ୍ତି।

ଭୁବନେଶ୍ୱରରେ ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା

ଭୁବନେଶ୍ୱର, ୧୧।୭/ଏନ୍ଏନ୍ଏସ୍: ଇଣ୍ଡିଆ ସ୍କିଲସ୍ ପୂର୍ବ ଭାରତ ଆଞ୍ଚଳିକ ପ୍ରତିଯୋଗିତା ୨୦୧୮ ବର୍ଷ ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ତଥା ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ (ଏନ୍ଏସ୍‌ଡ଼ିସି) ପକ୍ଷରୁ କୁହାଯାଇଛି। ଆସନ୍ତା ୧୫ରୁ ୧୭ ତିନିଦିନ ଧରି ଏହି କାର୍ଯ୍ୟକ୍ରମ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ଏହି ଅବସରରେ 'ସ୍କିଲ ଇଣ୍ଡିଆ ମିଶନ'ର ତୃତୀୟ ପ୍ରତିଷ୍ଠା ଦିବସ ମଧ ପ୍ରତିଯୋଗିତାସ୍ଥଳରେ ଅନୁଷ୍ଠିତ ହେବ। ୧୫ ଜୁଲାଇକୁ ବିଶ୍ୱ ଯୁବ ଦକ୍ଷତା ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଇ ଆସୁଛି। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ପେଶାଦାର ପରାମର୍ଶଦାତା ମାନେ ଯୁବପିଢ଼ିଙ୍କ କାଉନ୍‌ସେଲିଂ କ୍ୟାମ୍ପରେ ଯୋଗ ଦେବେ। ଏଥି ସହିତ ବିଭିନ୍ନ ପ୍ରସଙ୍ଗରେ ସେମିନାର୍ ଓ କନ୍‌ଫରେନ୍ସ ମଧ ଅନୁଷ୍ଠିତ ହେବ। କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୫ ତାରିଖ ଦିନ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ୧୬ ଜୁଲାଇରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରର ବାରଙ୍ଗଠାରେ ନ୍ୟାସନାଲ୍ ସ୍କିଲ ଟ୍ରେନିଂ ଇନଷ୍ଟିଚ୍ୟୁଟ(ଏନ୍ଏସ୍‌ଟିଆଇ)ର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ମଧ ରହିଛି। ଏହି ଉତ୍ସବରେ ରାଜ୍ୟସରକାରଙ୍କର ଯୋଜନା, ସଂଯୋଜନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଏହି ପ୍ରସ୍ତାବିତ ଏନ୍ଏସ୍‌ଟିଆଇ ଦେଶର ପ୍ରଥମ ଗ୍ରିନ୍ ଫିଲ୍ଡ ଅନୁଷ୍ଠାନ ହେବ।

ଆସନ୍ତା ସପ୍ତାହରୁ ନୂଆ ୟୁପିଆଇ ୨.୦

MobiKwik
Paytm
freecharge
UPI
2.0

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି: କିଛି ଦିନର ବିଳମ୍ବ ପରେ ୟୁନିକ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)ର ପରିବର୍ତ୍ତିତ ସଂସ୍କରଣ ଆସିବ ବୋଲି ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଏହାର ନାମ ୟୁପିଆଇ ୨.୦ ରଖାଯାଇଛି, ଯେଉଁଥିରେ କାରବାରର ପରିମାଣ ଦୁଇଗୁଣ ଅର୍ଥାତ ୨ ଲକ୍ଷ ଟଙ୍କାରେ ସୀମିତ ରହିବ ଏବଂ 'ବାୟର୍-ଟୁ-ମର୍ଚ୍ଚାଣ୍ଟ' ବ୍ୟବସ୍ଥା ବ୍ୟବସାୟରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ ଦେବ। ବର୍ତ୍ତମାନ ୟୁପିଆଇ କେବଳ ଦୁଇ ବ୍ୟକ୍ତି ମଧ୍ୟରେ କାରବାରରେ ସୀମିତ ରହିଛି। ୨୦୧୬ ଅଗଷ୍ଟ ମାସରେ ଆରମ୍ଭ କରାଯାଇଥିବା ୟୁପିଆଇ ଦ୍ୱାରା ମୋବାଇଲ ଆପ୍ଲିକେସନ୍ ସାହାଯ୍ୟରେ ଦୁଇଟି ଆକାଉଣ୍ଟ ମଧ୍ୟରେ କାରବାର କରାଯାଇପାରୁଛି।

ୟୁପିଆଇ ୨.୦ର ନୂତନ ବୈଶିଷ୍ଟ୍ୟ

କାରବାର ସୀମା ଦୁଇ ଗୁଣା: ସୀମିତ କାରବାରର ପରିମାଣ ଦୁଇଗୁଣ ବଢ଼ାଇଦିଆଯାଇଛି ଅର୍ଥାତ ୨ ଲକ୍ଷ ଟଙ୍କା ଯାଏ କାରବାର କରିହେବ।

ଓଭରଡ୍ରାଫ୍ଟ ଆକାଉଣ୍ଟ: ପୂର୍ବରୁ କେବଳ ସେଭିଙ୍ଗସ୍ ଆକାଉଣ୍ଟକୁ ୟୁପିଆଇ ସହିତ ଯୋଡ଼ାଯାଇପାରୁଥିଲା। ବର୍ତ୍ତମାନ ପରିବର୍ତ୍ତିତ ସଂସ୍କରଣରେ ଓଭରଡ୍ରାଫ୍ଟ ଆକାଉଣ୍ଟ ମଧ ଯୋଡ଼ି ହୋଇପାରୁଥିବାରୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ନଥିଲେ ମଧ ଉଠାଣ ବା କାରବାର କରିହେବ।

ଜଣେ ଗ୍ରାହକଙ୍କ ଆକାଉଣ୍ଟରେ ନିର୍ଦ୍ଦିଷ୍ଟ ସମୟରେ ବନ୍ଧକ ସ୍ୱରୂପ ଅଗ୍ରୀମ ବ୍ଲକ୍ କରି ରଖିହେବ ଏବଂ ଭବିଷ୍ୟତର ଏକ ତାରିଖରେ ଏହାକୁ ଡେବିଟ୍ କରାଇ ହେବ ଏବଂ ଏଥିପାଇଁ ଅନୁମୋଦନର ଆବଶ୍ୟକତା ରହିବନି।

ଏହି ସୁବିଧା ହୋଟେଲ ବୁକିଂ, ଏୟାରଲାଇନ୍ ଟିକେଟ୍, କ୍ୟାବ୍ ରାଇଡ୍, ଇ-କମର୍ସ କାରବାର, ଆଇପିଓ ଷ୍ଟକ୍ କିଣିବା ଏବଂ ଅନ୍ୟ କାରବାରରେ ଉପଯୋଗୀ ସାବ୍ୟସ୍ତ ହେବ।

ଆଧାର ବାୟୋମେଟ୍ରିକ୍‌ର ଆବଶ୍ୟକତା ନାହିଁ: ତଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ଆଧାର ଭିତ୍ତିକ ପେମେଣ୍ଟ ସେବା ଯୋଗାଇବା ଯୋଜନା ସ୍ଥଗିତ ରଖାଯାଇଛି।

ଇ-ୱାଲେଟ୍: ହୁଏତ ଆଗକୁ ୟୁପିଆଇ ୨.୦ରେ ଏଥିପାଇଁ ଅନୁମତି ମିଳିପାରେ। ବର୍ତ୍ତମାନ କେବଳ ବ୍ୟାଙ୍କ୍ ଆକାଉଣ୍ଟ ପାଇଁ ଏହି ସୁବିଧା ରହିଛି।

ଷ୍ଟାଣ୍ଡିଂ ଇନ୍‌ଷ୍ଟ୍ରକ୍ସନ୍ ବୈଶିଷ୍ଟ୍ୟ ବାବଦରେ ମଧ ବିଚାର ଚାଲିଛି, କିନ୍ତୁ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଏଥିପ୍ରତି ଅନୁମତି ନଥିବାରୁ ଏଥିପାଇଁ ଅନିଶ୍ଚିତତା ଜାରି ରହିଛି।

ଇନ୍‌ଭଏସିଂ ବ୍ୟବସ୍ଥା: ୟୁପିଆଇର ନୂଆ ଅବତାରରେ ଇନ୍‌ଭଏସର ବ୍ୟବସ୍ଥା ରହିବ ଯାହାକି ଯେକୌଣସି ବ୍ୟକ୍ତି କିମ୍ବା ବ୍ୟବସାୟୀ ପେମେଣ୍ଟ ଅନୁରୋଧ ସହିତ ପଠାଇବେ।

ୟୁପିଆଇ ୨.୦ ସେତେବେଳେ ଆସିଛି ଯେତେବେଳେ ୟୁପିଆଇ ସମ୍ବନ୍ଧିତ ପେମେଣ୍ଟ ପରିମାଣ ରେକର୍ଡ ସଂଖ୍ୟକ ହେବାରେ ଲାଗିଛି। ପେଟିଏମ୍, ଗୁଗଲ୍ ତେଜ୍ ପରି ବ୍ୟବସ୍ଥାରେ ଏବଂ ଭୀମ୍ ୟୁପିଆଇ ପରି ଆପ୍ଲିକେସନ୍ ଦ୍ୱାରା ଏପରି ପେମେଣ୍ଟର ପରିମାଣ ୨୫ କୋଟି ଛୁଇଁଛି। ୨୦୧୮ ମେ' ମାସରେ ଏଥିରେ ୩୦ ପ୍ରତିଶତ ବୃଦ୍ଧି ପାଇଥିଲା।

ବିଏସ୍ଏନ୍ଏଲ୍‌ର ଇଣ୍ଟରନେଟ୍ ଟେଲିଫୋନ୍ ସେବା

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି: ରାଷ୍ଟ୍ରାୟତ୍ତ ଟେଲିକମ୍ ସେବା ପ୍ରଦାନକାରୀ ବିଏସ୍ଏନ୍ଏଲ୍ ପ୍ରଥମ ଟେଲିକମ୍ ସେବା ପ୍ରଦାନକାରୀ ହିସାବରେ ଇଣ୍ଟରନେଟ୍ ଟେଲିଫୋନ୍ ସେବା ଆରମ୍ଭ କରିବାକୁ ଯାଉଛି। ଏହି ଅଫର ବା ଘୋଷଣା ଅନୁଯାୟୀ ମୋବାଇଲ ଆପ୍ଲିକେସନ୍ ସାହାଯ୍ୟରେ ଭାରତର ଯେକୌଣସି ମୋବାଇଲ୍ ନମ୍ବରକୁ ଇଣ୍ଟରନେଟ୍‌ର ସାହାଯ୍ୟ ନେଇ କଲ୍ କରାଯାଇପାରିବ। ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହିତ ୱିଙ୍ଗ୍ ନାମକ ଆପ୍ଲିକେସନ୍ ବିଷୟରେ ଘୋଷଣା କରାଯାଇଛି। ଏହାର ସୁବିଧା ନେବାପାଇଁ ୱାନ୍‌ଟାଇମ୍ ଫି ବା ଶୁଳ୍କ ଦେବାକୁ ହେବ। ଜୁଲାଇ ୨୫ ପରଠାରୁ ଗ୍ରାହକମାନେ ଏହି ସେବା ନେଇପାରିବେ। ଏଥିପାଇଁ ବିଏସ୍ଏନ୍ଏଲ ପ୍ରଦତ୍ତ ୱାଇଫାଇ ବା ଅନ୍ୟ ଇଣ୍ଟରନେଟ୍‌ର ସାହାଯ୍ୟ ନେଇହେବ।

BSNL

ତୈଳ ଆମଦାନୀ କମାଇଲେ ବିଶେଷ ଅଧିକାର ହରାଇବ ଭାରତ: ଇରାନ୍

ନୂଆଦିଲ୍ଲୀ, ୧୧।୭/ଏଜେନ୍ସି: ଇରାନ୍‌ର ଚାବାହାର ବନ୍ଦରରେ ନିବେଶ କରିବା ନେଇ ଭାରତ ପଛଘୁଞ୍ଚା ଦେଉଥିବାରୁ ଏହାକୁ କଡ଼ା ସମାଲୋଚନା କରିଛନ୍ତି ଇରାନ୍ ସରକାର। ଏହା ବ୍ୟତୀତ ଯଦି ଭାରତ ଇରାନ୍‌ରୁ ତୈଳ ଆମଦାନୀ କମାଇବାର ନିଷ୍ପତ୍ତି ନିଏ ଏହାର ପ୍ରଭାବରେ ଭାରତ ବର୍ତ୍ତମାନ ପାଉଥିବା ବିଶେଷ ଅଧିକାର ହରାଇ ବସିବ ବୋଲି ମଧ ଧମକାଇଛନ୍ତି ଇରାନ୍ ସରକାର। ଇରାନ୍ ଡେପୁଟି ଆମ୍ବାସାଡର ମାସୁଦ୍ ରେଜ୍‌ଭାନିଆନ୍ ରାହାଘିଙ୍କ କହିବା ଅନୁଯାୟୀ, ଭାରତ ଯଦି ଅନ୍ୟ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଯେପରିକି ସାଉଦି ଆରବ, ଋଷିଆ, ଇରାକ୍, ଆମେରିକା ଏବଂ ଅନ୍ୟ ରାଷ୍ଟ୍ରରୁ ତୈଳ ଆମଦାନୀ କରି ଇରାନ୍‌ରୁ ଆମଦାନୀ ହେଉଥିବା ତୈଳର ପରିମାଣ କମାଏ, ଇରାନ୍ ଭାରତକୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ତଥା ବିଶେଷ ଅଧିକାରରେ ପୂର୍ଣ୍ଣଚ୍ଛେଦ ପକାଇବ। ସେ ଏହି ଅବସରରେ ଆହୁରି ମଧ କହିଥିଲେ, "ଦୁର୍ଭାଗ୍ୟର ବିଷୟ ହେଉଛି ଚାବାହାର ବନ୍ଦରର ପ୍ରସାରଣ ପାଇଁ ଭାରତ ନିବେଶ ପ୍ରତିଶ୍ରୁତି ଦେଇଥିଲେ ମଧ ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ଯଦି ଭାରତ ଭାବୁଥିବ ଚାବାହାର ବନ୍ଦର କୂଟନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ, ତେବେ ଆଶା କରୁଛି ଭାରତ ଏଦିଗରେ ତୁରନ୍ତ କିଛି ପଦକ୍ଷେପ ନେବ।"ରାହାଘି 'ଇମର୍ଜିଂ ଚ୍ୟାଲେଞ୍ଜେସ୍ ଆଣ୍ଡ ଅପରର୍ଚ୍ୟୁନିଟି ଇନ୍ ଦ ଗ୍ଲୋବାଲ୍ ଡିପ୍ଲୋମାସି ଆଣ୍ଡ ଇଟସ୍ ଇମ୍ପାକ୍ଟ ଅନ୍ ବାଇଲ୍ୟାଟେରାଲ୍ ଓାଇଜ୍ ୱିଥ୍ ଇଣ୍ଡିଆ' ଶୀର୍ଷକରେ ଆୟୋଜିତ ଏକ ସେମିନାରରେ ଯୋଗଦେଇ ଏହି ପ୍ରସଙ୍ଗ ରଖିଥିଲେ। ଭାରତ ଇରାନ୍ ଏବଂ ଆଫଗାନିସ୍ଥାନ ପରି ଦେଶରେ ପହଞ୍ଚିବାପାଇଁ ପାକିସ୍ତାନ୍ ଅଡୁଆ କରୁଥିବାରୁ ଜଳପଥରେ ଇରାନ୍‌ର ଚାବାହାର ବନ୍ଦର ହିଁ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଥିଲା। କିନ୍ତୁ ଭାରତ ଏହାକୁ ଅଣଦେଖା କରିବା ଏକ ପ୍ରକାର କୂଟନୀତିକ ପରାଜୟକୁ ଆମନ୍ତ୍ରଣ କରିବା ପରି ହେବ ବୋଲି ଚର୍ଚ୍ଚା ହେଉଛି। ୨୦୧୬ ମସିହା ମେ' ମାସରେ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଯାହା ସାହାଯ୍ୟରେ ଭାରତ, ଇରାନ୍ ଏବଂ ଆଫଗାନିସ୍ଥାନ୍ ମଧ୍ୟରେ ଏକ ତ୍ରିକୋଣୀୟ ବ୍ୟବସାୟିକ କରିଡର ନିର୍ମିତ ହେବା ନିଶ୍ଚିତ ହୋଇଥିଲା। କିନ୍ତୁ ଇରାନ୍‌ରୁ ଅତ୍ୟଧିକ ତୈଳ ଆମଦାନୀରେ ଆମେରିକାର ସ୍ୱାର୍ଥ ହାନୀ ହେଉଥିବା କୁହାଯାଉଛି। ରାଘାଇ ଏହି ଅବସରରେ ଆହୁରି ମଧ କହିଥିଲେ, ଅନ୍ୟରାଷ୍ଟ୍ରରୁ ତୈଳ ଆମଦାନୀ କଲେ ଏହା ଡଲାର ଭିତ୍ତିକ ହେବ। ତେଣୁ ଭାରତକୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଜନିତ ସମସ୍ୟା ହେବା ନିଶ୍ଚିତ ଏବଂ ଭାରତ ଏହା ଦ୍ୱାରା ଇରାନ୍‌ରୁ ପାଉଥିବା ବିଶେଷ ସୁବିଧା ସବୁ ମଧ ହରାଇବ। ଚାବାହାର ବନ୍ଦର ସହିତ ଇରାନ୍ ଓ ଭାରତ ମଧ୍ୟରେ ଥିବା ସମ୍ପର୍କ ଦୀର୍ଘସ୍ଥାୟୀ ଓ ଦୃଢ଼ ହେବା ନିର୍ଭରଶୀଳ ହୋଇଥିବାରୁ ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ରାଜନୀତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

IRAN
INDIA
Chabahar